DIRECTORATE OF AGRICULTURE AND FOOD PRODUCTION,ODISHA

No.2M (05)-/ / 2019 12640 Dt 30.4.19

To
The Deputy Director of Agriculture
Puri,Cuttack, Khurda ,Ganjam, Balasore ,
Bhadrakh , Jagatsinghpur, Kendarapara and Jajpur

Sub: Issue of Crop Advisory for the farmers on likelihood Severe Cyclonic Storm "FANI"

Ref : This office letter no 12629 dated 30.04.2019

Sir,

Enclosed please find herewith the Crop Advisory on likelihood of a Severe Cyclonic Storm "FANI" which is likely to move northwestwards till 01st may 2019 and thereafter recurve north-northeastwards towards Odisha coast, for wide circulation among all the field functionaries and farmers .

This may please be treated as most urgent.

Yours faithfully,

Director of Agriculture &
Food Production, Odisha

Memo No. 12641 / Agril Dt 30.4.19

Copy submitted to the Principal Secretary to Government ,Agriculture & Farmers Empowerment Department for favor of information and necessary action.

Director of Agriculture &
Food Production, Odisha

# DIRECTORATE OF EXTENSION EDUCATION
## ସମ୍ପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ
**ODISHA UNIVERSITY OF AGRICULTURE AND TECHNOLOGY**
Bhubaneswar, Pin - 751003


## କୃଷକମାନଙ୍କ ପାଇଁ ବିଶେଷ ସୂଚନା

### 'ଫନୀ' ଜନିତ ସମ୍ଭାବ୍ୟ ବାତ୍ୟା ଓ ବର୍ଷା ମୁକାବିଲା ପାଇଁ ଚାଷୀଭାଇମାନଙ୍କୁ ପରାମର୍ଶ

ଭାରତୀୟ ପାଣିପାଗ ବିଭାଗ, ଭୁବନେଶ୍ୱର ଶାଖାର ପୂର୍ବ ସୂଚନା ଅନୁଯାୟୀ ଆସନ୍ତା ୨ ତାରିଖରୁ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ପବନ ସହ ବର୍ଷା ଲାଗି ରହିବ । ଏଥିପାଇଁ ଚାଷୀ ଭାଇମାନେ ସଜାଗ ରହି ନିମ୍ନ ପଦକ୍ଷେପ ଗ୍ରହଣ କରିବା ପାଇଁ ପରାମର୍ଶ ଦିଆଯାଉଛି ।

ଧାନ :

(୧) ଡାଲୁଅ ଧାନ ଶତକଡ଼ା ୮୦ ଭାଗ ପାଚିଯାଇଥିଲେ ତୁରନ୍ତ କାଟିନେଇ ସୁରକ୍ଷିତ ସ୍ଥାନରେ ରଖି ଦିଅନ୍ତୁ ।

(୨) କଟା ଧାନ ଅମଳ ପାଇଁ ଖଳାରେ ରଖିଥିଲେ ତୁରନ୍ତ ସୁରକ୍ଷିତ ସ୍ଥାନକୁ ନେଇଯାଆନ୍ତୁ କିମ୍ବା ପାଲ ଢାଙ୍କି ରଖନ୍ତୁ ।

(୩) ଧାନ ଜମିରୁ ବଳକା ପାଣି ବାହାରି ଯିବା ପାଇଁ ଜର ନାଳୀ କରନ୍ତୁ ଓ ନାଳୀ ମୁହଁ ଖୋଲା ରଖନ୍ତୁ ।

ମୁଗ/ବିରି :

(୧) ଖରାଟିଆ ମୁଗ ଓ ବିରି ଜମିରୁ ଆଣି ଖଳାରେ ଶୁଖାଇଥିଲେ ତୁରନ୍ତ ଅମଳ କରିନିଅନ୍ତୁ ।

(୨) ଅମଳ ପରେ ଗୋଖାଦ୍ୟ ପାଇଁ ବ୍ୟବହୃତ ହେବାକୁ ଥିବା ବୋଡିକୁ ସୁରକ୍ଷିତ ସ୍ଥାନକୁ ନେଇ ସାଇତି ରଖନ୍ତୁ ।

(୩) ଅମଳ ହୋଇ ପାରୁ ନଥିବା ଶୁଖିଲା ଗଛଗୁଡ଼ିକୁ ଖଳାରୁ ସୁରକ୍ଷିତ ସ୍ଥାନକୁ ନେଇଯାଆନ୍ତୁ ।

ପନିପରିବା :

(୧) ବର୍ଷା ଯୋଗୁଁ ପୋଟଳ, କାକୁଡ଼ି, କଖାରୁ, ତରଭୁଜ, ଜହ୍ନି ଆଦି ଲତା ଜାତୀୟ ପନିପରିବା ଓ ବାଇଗଣ, ବିଲାତି ବାଇଗଣ ଆଦି ପନିପରିବା ପ୍ରଭାବିତ ହୋଇପାରେ । ତେଣୁ ଅମଳ ଉପଯୋଗୀ ପନିପରିବାକୁ ତୋଳି ନିଅନ୍ତୁ ।

(୨) ପନିପରିବା ଜମିରୁ ପାଣି ନିଷ୍କାସନ ପାଇଁ ବ୍ୟବସ୍ଥା କରନ୍ତୁ ।

(୩) ଚଙ୍ଗା/ଟ୍ରେଲିକୁ ମଜଭୁତ କରି ଦିଅନ୍ତୁ ।

(୪) ପନିପରିବା ଫସଲରେ ବର୍ଷା ଛାଡ଼ିଗଲା ପରେ ଢଉପୋକ ଲାଗିବାର ସମ୍ଭାବନା ରହିଛି । ଏହାର ନିରାକରଣ ପାଇଁ ଏକର ପ୍ରତି ୬୦ ଗ୍ରାମ୍ ଇମିଡ଼ାକ୍ଲୋପ୍ରିଡ୍ ୧୭.୮% ଏସ୍.ଏଲ୍. କିମ୍ବା ୪୦ ଗ୍ରାମ୍ ଥାୟୋମେଥୋକ୍ସାମ୍ ୨୫% ଡବ୍ଲୁ.ଡି.ଜି. କିମ୍ବା ୫୦ ଗ୍ରାମ୍ ଏସିଟାମିପ୍ରିଡ୍ ୨୦% ଏସ୍.ପି. ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ ।

(୫) ବର୍ଷା ପରେ ପନିପରିବା ଫସଲରେ ଝାଉଁଳା ରୋଗ ଲାଗିବାର ସମ୍ଭାବନା ଥିବାରୁ ପ୍ରତି ୧୦ ଲିଟର ପାଣିରେ ୧.୫ ଗ୍ରାମ୍ ଷ୍ଟ୍ରେପ୍ଟୋସାଇକ୍ଲିନ୍ + ୨୫ ଗ୍ରାମ୍ କପର ଅକ୍ସିକ୍ଲୋରାଇଡ୍ ମିଶାଇ ମୂଳ ଭାଗକୁ ସିଂଚନ କରନ୍ତୁ ।

(୬) ଜମିରେ ରହିଯାଇଥିବା ପନିପରିବାଗୁଡ଼ିକ ସଢ଼ିଯିବାର ସମ୍ଭାବନା ରହିଛି । ଏହାର ନିରାକରଣ ପାଇଁ ପ୍ରତି ଲିଟର ପାଣିରେ ୨ ଗ୍ରାମ୍ କାର୍ବେଣ୍ଡାଜିମ୍ ୫୦% ଡବ୍ଲୁ.ପି. ମିଶାଇ ଏକର ପ୍ରତି ୨୦୦ ଲିଟର ମିଶ୍ରଣ ସିଂଚନ କରନ୍ତୁ ।

## ଫଳଚାଷ

(୧) ବର୍ଷା ସମୟରେ ଆମ୍ବ ବା କାଜୁ ବଗିଚାରେ ରୁହନ୍ତୁ ନାହିଁ ।

(୨) ବର୍ଷା ଯୋଗୁଁ ଝଡ଼ି ପଡୁଥିବା ଆମ୍ବକୁ ପରିଷ୍କାର କରି ଆଚାର ପ୍ରସ୍ତୁତ କରନ୍ତୁ ।

(୩) ବର୍ଷା ଛାଡ଼ିଗଲା ପରେ ଗଛରେ ରହିଯାଇଥିବା ଆମ୍ବ ଓ କାଜୁ ଫିମ୍ପି ଦ୍ୱାରା ଆକ୍ରାନ୍ତ ହୋଇପାରନ୍ତି । ତେଣୁ ପ୍ରତି ଲିଟର ପାଣିରେ ୨ ଗ୍ରାମ୍ କାର୍ବେଣ୍ଡାଜିମ୍ ୫୦% ଡବ୍ଲୁ.ପି. ମିଶାଇ ସିଂଚନ କରନ୍ତୁ ।

ଅଧିକ ଜାଣିବା ପାଇଁ ନିକଟସ୍ଥ କୃଷି ବିଜ୍ଞାନ କେନ୍ଦ୍ର, କୃଷି ସଂପ୍ରସାରଣ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ ।

**କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶାଳୟ, ଓଡ଼ିଶା**

**ସଂପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ, ଓୟୁଏଟି, ଭୁବନେଶ୍ୱର, ଓଡ଼ିଶା**